## ସଂକ୍ଷେପରେ

### ବିଜେଡିର ପ୍ରଶିକ୍ଷଣ ଶିବିର

ଆସିକା,୬।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ସୋମବାର ବରଗାଁ କଲ୍ୟାଣ ମଣ୍ଡପଠାରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରୁଣ ଶ୍ରୀଚନ୍ଦନ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ଗୁଡିକ ସମ୍ପର୍କରେ କର୍ମୀମାନେ ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ଜନସାଧାରଣଙ୍କୁ ନବୀନ ସରକାରଙ୍କ ଜନାଭିମୁଖି କାର୍ଯ୍ୟକ୍ରମ ଓ ଭବିଷ୍ୟତ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ଲାଗି ପରାମର୍ଶ ଦିଆଯାଇଥିଲା। ଆସିକା ବ୍ଲକ ଜିଲା ପରିଷଦ ୩ ଓ ୪ ଜୋନ ଅନ୍ତର୍ଗତ ୧୨ ପଞ୍ଚାୟତର ସକ୍ରୀୟ କର୍ମୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶିବ ନାହାକ, ବରିଷ୍ଠ ଯୁବ ନେତା ଭଗବାନ ସାହୁ, ଜିଲା ପରିଷଦ ସଦସ୍ୟ ମନୋଜ ଦୋରା, ସୂର୍ଯ୍ୟକାନ୍ତ ପରିଡ଼ା, ଅଭିମନ୍ୟୁ ନାହାକଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ।

### ଶ୍ରମ କାର୍ଯ୍ୟାଳୟରେ ଦଲାଲ ସକ୍ରିୟ, ଶ୍ରମିକଙ୍କ ବିକ୍ଷୋଭ

ଛତ୍ରପୁର,୬।୧୧(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟରେ ଅବ୍ୟବସ୍ଥା ନେଇ ଶ୍ରମିକମାନେ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହ କାର୍ଯ୍ୟାଳୟ ଘେରିଥିଲେ ସେମାନଙ୍କ ଅଭିଯୋଗ ଯେ, ବହୁ ଅସାଧୁ ବ୍ୟକ୍ତି ଓ ଦଲାଲ ଶ୍ରମ କାର୍ଯ୍ୟାଳୟରେ ସକ୍ରିୟ ହୋଇଛନ୍ତି। ସେମାନଙ୍କ ସହ ଶ୍ରମ କାର୍ଯ୍ୟାଳୟର କର୍ମଚାରୀଙ୍କ ସମ୍ପର୍କ ରହିଛି । ବର୍ଷ ବର୍ଷ ଧରି ପଡିରହିଥିବା ପଞ୍ଜିକୃତ ନିର୍ମାଣ ଶ୍ରମିକ ସହାୟତା ଯଥା ବିବାହ, ମୃତ୍ୟୁ, ଶିକ୍ଷା ଓ ପ୍ରସୂତିକାଳୀନ ସହାୟତା ମିଳିବାରେ ଅହେତୁକ ବିଳମ୍ବ ହେଉଛି । ସେହିପରି ବାର୍ଷିକ ନବୀକରଣ ଅନୁମୋଦନ ନକରି ବର୍ଷ ବର୍ଷ ଧରି ପକାଇ ରଖିବା ନବୀକରଣ ନକରିବା, ନୂତନ ଶ୍ରମିକ ପଞ୍ଜିକରଣ କରାଯାଉ ନଥିବା, ବିଭିନ୍ନ ସହାୟତା ପ୍ରଦାନ ଲାଗି ବାରମ୍ବାର ଡକାଇ ହଇରାଣ କରାଯାଉଥିବା ଅଭିଯୋଗ କରାଯାଇଛି । ପୂର୍ବରୁ ଏସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବାରୁ ପୂର୍ବ ଘୋଷଣା ଅନୁଯାୟୀ ଏହି ବିକ୍ଷୋଭ କରାଯାଇଛି।

### କ୍ୟାଥଲିକ ଚର୍ଚ୍ଚର ୧୫୦ ବର୍ଷ ପୂର୍ତ୍ତି

ଆସିକା,୬।୧୧(ସୁରେନ୍ଦ୍ର ନାଥ ସାହୁ)

ଆସିକା କୋର୍ଟ ସଂଲଗ୍ନ ରୋମାନ କ୍ୟାଥଲିକ ଚର୍ଚ୍ଚ ପ୍ରତିଷ୍ଠାର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଶନିବାର ଚର୍ଚ୍ଚ ପରିସରରେ ଆସିକା କ୍ୟାଥଲିକ ସଂପ୍ରଦାୟ ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ବିସପ ଡ. ଶରତ ଚନ୍ଦ୍ର ନାୟକ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସମେତ ସୋରଡା, ଭଞ୍ଜନଗର, ଦାନ୍ତିଲିଙ୍ଗି, ଗୌଡଗୋଠ ଆଦି ସ୍ଥାନରୁ ବିସପମାନେ ଯୋଗଦେଇ ଧର୍ମାଲୋଚନା କରିଥିଲେ । ଆସିକା କ୍ୟାଥଲିକ ଚର୍ଚ୍ଚର ମନୋଜ କୁମାର ଦୋରା, ତନୁଜ କୁମାର ଦୋରା, ଟିଙ୍କୁ ମାଇକେଲ, ସୁଶାନ୍ତ ମାଇକେଲ, ପ୍ରଶାନ୍ତ ମାଇକେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖାକିରେ ବଢୁଛି କଳାଦାଗ

■ କାମ ଦେଉନି ୫-ଟି ଛାଟ
■ ବଦନାମ ମୁଣ୍ଡାଉଛି ବ୍ରହ୍ମପୁର ପୋଲିସ

ବ୍ରହ୍ମପୁର,୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ଲୋକଙ୍କ ବିଶ୍ୱାସଭାଜନ ହୋଇଥିବା ବ୍ରହ୍ମପୁର ପୋଲିସର ନିର୍ମଳ ଓ ସ୍ୱଚ୍ଛ ଭାବମୂର୍ତ୍ତି ଦିନକୁ ଦିନ ମଳିନ ହେବାକୁ ଲାଗିଛି। ବିଭିନ୍ନ କାରଣ ଯୋଗୁ ପୋଲିସ ଏବେ ସାଧାରଣରେ ସମାଲୋଚନାର ଶିକାର ହେଉଛି। ବ୍ରହ୍ମପୁର ପୋଲିସ ନିଜ କର୍ମଚାରୀଙ୍କ କଳା କାରନାମା ଯୋଗୁ ଅଯଥା ବଦନାମ ମୁଣ୍ଡାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏପଟେ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ଏଭଳି ଅବହେଳା ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କର୍ମଚାରୀଙ୍କ ବିରୋଧରେ ହେଉଥିବା ଅଭିଯୋଗର ତଦନ୍ତ କରି ପ୍ରମାଣ ମିଳିବା ପରେ ତ୍ୱରିତ ପଦକ୍ଷେପ ନେଇଛନ୍ତି।

ଏକ ଠକେଇ ମାମଲାରେ ତଦନ୍ତ ପାଇଁ ବୈଦ୍ୟନାଥପୁର ପୋଲିସ ବାଲି ବ୍ୟବସାୟୀ କୃପାସିନ୍ଧୁ ମୁଦୁଲିଙ୍କୁ ରିମାଣ୍ଡରେ ଆଣି ଜେରା କରିଥିଲା। ରିମାଣ୍ଡ ଅବଧି ସରିବା ପରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଥିବା ସିଏସଆଇ କୋର୍ଟରେ କାର୍ଯ୍ୟରତ କନଷ୍ଟେବଲ ରବି ରେଡ୍ଡୀ କର୍ତ୍ତବ୍ୟରେ ଅବହେଳା କରି ନିଜ ଜାଗା ଛାଡ଼ି ବାଲି ଅଭିଯୁକ୍ତ କୃପାସିନ୍ଧୁଙ୍କ ସହ ସମ୍ପର୍କ ରଖିଥିବା ଜଣାପଡିଥିଲା। ଏସ୍‌ପି ଏହାର ତଦନ୍ତ କରି ତାଙ୍କୁ ଚାକିରିରୁ ନିଲମ୍ବନ କରିଛନ୍ତି। ଉକ୍ତ ବାଲି ମାଫିଆଙ୍କ କଳା ସାମ୍ରାଜ୍ୟରେ ରବିଙ୍କ କ'ଣ ସବୁ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି। ସେହିପରି ଗତ ୫ମାସ ପୂର୍ବରୁ ପାତ୍ରପୁର ସିଏସଆଇ କୋର୍ଟରେ କାମ କରୁଥିବା ଜଣେ କନଷ୍ଟେବଲଙ୍କୁ ମଧ୍ୟ ଏସ୍‌ପି ନିଲମ୍ବନ କରିଥିବାର ନଜିର ରହିଛି। ଅନ୍ୟପଟେ କିନ୍ତୁ କିଛି ନିର୍ଦ୍ଦିଷ୍ଟ କାରଣରୁ ବିଭିନ୍ନ ସମୟରେ ବ୍ରହ୍ମପୁର ପୋଲିସ ସମାଲୋଚନାର ଶିକାର ହେଉଛି। ୨ବର୍ଷ ପୂର୍ବରୁ ଟଙ୍କା ଲୋଭରେ ପଡ଼ି କେତେଜଣ କର୍ମଚାରୀ ଖାକିର ଦୁର୍ବ୍ୟବହାର କରିଥିଲେ। ୪ ଜଣ କନଷ୍ଟେବଲ୍ ଜଣେ ଗୁଟଖା ବେପାରୀଙ୍କ ଠାରୁ ବଟି ନେଇଥିଲେ। ପୋଲିସ ବିରୋଧରେ ଏଭଳି ଏକ ସଙ୍ଗୀନ ଅଭିଯୋଗକୁ ନେଇ ଚାରିଆଡ଼େ ଚର୍ଚ୍ଚା ହୋଇଥିଲା। କିନ୍ତୁ କେହି କିଛି ପାଟି ଫିଟାଇ ସ୍ପଷ୍ଟ କରି ନ ଥିଲେ। ତତ୍କାଳୀନ ବ୍ରହ୍ମପୁର ଏସ୍‌ପି ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୋଗରେ ସତ୍ୟତା ଥିବାରୁ ସମ୍ପୃକ୍ତ ୪ଜଣଙ୍କୁ ନିଲମ୍ବନ କରିଥିଲେ। ସେହିପରି ଟ୍ରାଫିକ୍ ଥାନାର ଜଣେ କନଷ୍ଟେବଲ୍ କୋଭିଡ୍ ନିୟମ ଉଲ୍ଲଂଘନ ବେଳେ ଜରିମାନା ଆଦାୟ ପାଇଁ ରହିଥିବା ରସିଦ୍ ବହି ଜାଲ୍ କରି ଧରାପଡ଼ିଥିଲେ। ସେହି ଘଟଣାରେ ମଧ୍ୟ ବ୍ରହ୍ମପୁର ଏସ୍‌ପି ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ସମ୍ପୃକ୍ତ କନେଷ୍ଟବଲଙ୍କୁ ନିଲମ୍ବନ କରିଥିଲେ। ଦିଗପହଣ୍ଡି ଥାନାର ଜଣେ କନେଷ୍ଟବଲଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଏସପିଙ୍କ ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ କନେଷ୍ଟବଲଙ୍କୁ ନିଲମ୍ବନ କରିଥିଲେ। ଗତ ବର୍ଷ ମଧ୍ୟ ଜଣେ ଟ୍ରାଫିକ୍ ଏଏସ୍‌ଆଇ ଚାଲାଣ କାଟି ଚାଳକଙ୍କୁ ରସିଦ୍ ନ ଦେଇ ନିଲମ୍ବନ ହୋଇଥିବା ବେଳେ ଲାଞ୍ଚ ମାଗିବା ଅଭିଯୋଗରେ ଜଣେ ଏଏସ୍‌ଆଇଙ୍କୁ ମୋ' ସରକାର ଆଇନ ଅନୁସାରେ ଡିଆଇଜି ନିଲମ୍ବନ କରିଥିଲେ। ଏବେ ପୋଲିସ ବିଭାଗରେ ମୋ' ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ୫-ଟି ଅଧିକ ଗୁରୁତ୍ୱ ଦିଆଯାଉଛି। ତଥାପି କେତେଜଣ ସ୍ୱାର୍ଥପର କର୍ମଚାରୀଙ୍କୁ ୫-ଟି ଛାଟ କାଟୁ କରୁନାହିଁ। ଏଣୁ ବିଭାଗରେ ସ୍ୱଚ୍ଛତା ଫେରାଇ ଆଣିବା ଦିଗରେ ବରିଷ୍ଠ ଅଧିକାରୀମାନେ କିଛି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଶୈବ ପୀଠରେ ବିତରକଙ୍କ ବନ୍ଧୁ ମିଳନ




କବିସୂର୍ଯ୍ୟନଗର,୬।୧୧(କୃପାସିନ୍ଧୁ ସ୍ୱାଇଁ)

ପବିତ୍ର କାର୍ତ୍ତିକ ମାସ ଦ୍ୱିତୀୟ ସୋମବାରରେ କବିସୂର୍ଯ୍ୟନଗର ନାରାୟଣପୁର ଶାସନ ସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ବିତରକଙ୍କ ବନ୍ଧୁମିଳନ ଓ ଶାଢ଼ିକ ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିତରକ ନିଜର ସମସ୍ୟା, ଅଭିଜ୍ଞତା ଆଦାନପ୍ରଦାନ କରିଥିଲେ। ମୁଖ୍ୟତଃ କରୋନା କାଳ ଅତିବାହିତ ହେବାପରେ ପାଠକଙ୍କ ଖବରକାଗଜ ପ୍ରତି ଆଗ୍ରହ କମିଯିବା, ଖବର କାଗଜ କମ୍ପାନୀ ପକ୍ଷରୁ ପ୍ରୋତ୍ସାହନ ରାଶି ଦେବା ସମ୍ପର୍କରେ ବିତର୍କ କରିଥିଲେ। ବିତର୍କରେ ସାମାଜିକ କର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଭଗନେଇ କହିଥିଲେ ଜାତିବାଦ ନିଜ ଶରୀରର ଚାରି ଅଙ୍ଗକୁ ବୁଝାଏ। ଯେପରି ଗୋଟିଏ ଅଙ୍ଗ ନଷ୍ଟ ହୋଇଗଲେ ଆମେ ବିକଳାଙ୍ଗ ହୋଇଯାଉ। ମୁଖ ହେଉଛି ବ୍ରାହ୍ମଣ, ଉଦର ହେଉଛି ବୈଶ୍ୟ, ହସ୍ତ ହେଉଛି କ୍ଷତ୍ରିୟ ଓ ପାଦ ଦୁଇଟି ହେଉଛି ଶୁଦ୍ରରୂପେ ବିଚାର କରାଯାଏ। ବିତରକ ହିଁ ଖବରକାଗଜର ମେରୁଦଣ୍ଡ ଓ ବିଭିନ୍ନ ସମସ୍ୟା ମଧ୍ୟରେ ନିଜ କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି ବୋଲି ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ କହିଥିଲେ। କବିସୂର୍ଯ୍ୟନଗର ବିତରକ ସଙ୍ଘର ସଭାପତି ରାଜେଶ୍ୱର ପଣ୍ଡା ତତ୍ତ୍ୱାବଧାନରେ ସମ୍ପାଦକ ଲକ୍ଷଣ ସେଠୀ, କୋଷାଦକ୍ଷ ମଙ୍ଗୁଲୁ ସାହୁ, ବିଶ୍ୱ ଗୌଡ଼, ରାଜେଶ ସେଠୀ, ଲିଟୁ ପୋଲାଈ, ପ୍ରକାଶ ନାୟକ, ମନୋଜ ମହାରଣା, ଦୟାନିଧି ବେହେରା, ଦୁର୍ଗାମାଧବ ନାୟକ ବିତରକ ସମେତ ରମେଶ ପାଳ, ନୀଳକଣ୍ଠ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିତରକ ଦୁର୍ଗାମାଧବ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସମାଜସେବୀ ବ୍ରହ୍ମାନନ୍ଦ।

## ନୌସେନା, ତଟରକ୍ଷୀ ବାହିନୀକୁ ୨୯ ମନୋନୀତ

### ସାମନ୍ତରାୟ ଏକାଡେମି ଛାତ୍ରୀଛାତ୍ରଙ୍କ ସଫଳତା

ବ୍ରହ୍ମପୁର,୬।୧୧(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁରସ୍ଥିତ ସାମନ୍ତରାଏ ଏକାଡେମୀର ୨୯ ଛାତ୍ରୀଛାତ୍ର ଅଗ୍ନିବୀର (ନୌସେନା) ଓ ତଟରକ୍ଷୀ ବାହିନୀ ପାଇଁ ମନୋନୀତ ହୋଇଛନ୍ତି। ରବିବାର ଏକାଡେମୀ ପରିସରରେ ସଫଳ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଫଳ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ନୌସେନାରେ ୨୮ ଓ ତଟରକ୍ଷୀ ବାହିନୀ ପାଇଁ ଜଣେ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଏକାଡେମୀର ପ୍ରତିଷ୍ଠାତା ଲଳିତ ମୋହନ ସାମନ୍ତରାୟ ଯୋଗ ଦେଇ ସଫଳ ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟ ପରାୟଣ ହେବା ପାଇଁ କହିଥିଲେ।



ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏକାଡେମୀର ପୂର୍ବତନ ଛାତ୍ର ଧର୍ମେନ୍ଦ୍ର ଦାସ ଓ ବଳରାମ ବେହେରା ଛାତ୍ରୀଛାତ୍ରଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ନିର୍ଦ୍ଦେଶକ ଦେବେଶ କୁମାର ସାମନ୍ତରାୟ ଏହି ସଫଳତା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ। ଏକାଡେମୀର ସମସ୍ତ ଶିକ୍ଷକ, ଅଣଶିକ୍ଷକ ଓ କର୍ମଚାରୀ ଏବଂ ପୁରାତନ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ

ଦିଗପହଣ୍ଡି,୬।୧୧(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ପ୍ରଶାସନ ଆନୁକୁଲ୍ୟରେ ସୋମବାର ବ୍ଲକ କନଫରେନ୍ସ ହଲରେ ବିଡିଓ ଡ .ଚିତ୍ତରଞ୍ଜନ ଦାସଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଉମେଶ କୁମାର ସେଠୀଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ, ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ଏବିଡିଓ ପ୍ରଶାନ୍ତ କୁମାର ରଥ, ଦିଗପହଣ୍ଡି ଏସ୍‌ଆଇ ମାଧବ ଚନ୍ଦ୍ର ଟାକ୍ରି, ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନ, ରାଧାକାନ୍ତ ମହାଙ୍କୁଡ, ଶ୍ରଦ୍ଧା ଏନ୍‌ଜିଓ ସଭାପତି ପ୍ରଦୀପ କୁମାର ପଣ୍ଡା, ଡିପିଓ ଦେବେନ୍ଦ୍ର ନାୟକ, କରପଡ଼ା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ବଡଡୁମୁଳା ସରପଞ୍ଚ ଗୀତାଞ୍ଜଳୀ ଜାନୀ, ବମକୋଇ ସରପଞ୍ଚ ତପନ ପ୍ରଧାନ, ବାସୁଦେବପୁର ସରପଞ୍ଚ ଏମ୍ .ଶ୍ୟାମଘନ, ବି . ତୁରୁବୁଡି ସରପଞ୍ଚ ଲିଙ୍ଗରାଜ ଦୋରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସମିତିସଭ୍ୟ ବୃନ୍ଦ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିବା ପୂର୍ବରୁ ଏବଂ ପରବର୍ତ୍ତୀ ସମୟରେ ଅଧିକାରୀମାନେ କିପରି ନିଜେ ସୁରକ୍ଷିତ ରହିବା ସଙ୍ଗେ ଅନ୍ୟକୁ କିପରି ସୁରକ୍ଷା ପ୍ରଦାନ କରିବା ଏବଂ ଅନେକ ସମୟରେ ଆକସ୍ମିକ ବିୟୋଗ ଘଟି ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ସରକାରୀ ସହାୟତା କିପରି ଯୋଗାଇ ଦିଆଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇଥିଲା।

## ହୀରାଧାର ବାଟି କେନାଲରୁ ପାଣି ଦେବାକୁ ଦାବି

ଛତ୍ରପୁର,୬।୧୧(ଦିଲ୍ଲୀପ ସାମଲ):

ପାଲିବନ୍ଧ ପଞ୍ଚାୟତ ଅନ୍ତର୍ଗତ ସମ୍ପ୍ରସାରିତ ହୀରାଧାର ବାଟି କେନାଲରୁ ଜଳକର ଦେଇ ପାଣି ଦିଆଯିବା ଲାଗି ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର ଖଟୁଆକୁଦା, ନୀଳାଦ୍ରିପୁର, କଣ୍ଟିଆଗଡ଼ ଓ ମୟୂରପଦା ଗ୍ରାମବାସୀ ସୋମବାର ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଚାଲିଥିବା ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନଙ୍କ ଏରିଆରେ ପ୍ରାୟ ୮୦୦ ହେକ୍ଟର ଚାଷଜମି ଥିଲେ ମଧ୍ୟ ସେହି ପାଣି ନ ମିଳିବା କାରଣରୁ ପ୍ରତ୍ୟେକ ବର୍ଷ ବର୍ଷାର ଅଭାବ ହେଲେ ବହୁ ଚାଷୀ ନିଜର ଫସଲ ଉତ୍ପାଦନ କରିବାରେ ବିଫଳ ହୁଅନ୍ତି । ଏତଦ୍ ବ୍ୟତୀତ ଏହା ଏକ ଲୁଣା ଅଞ୍ଚଳ ହୋଇଥିବାରୁ ଅନ୍ୟ କୌଣସି ଜଳସେଚନର ସୁବିଧା ନାହିଁ । ଫଳରେ ଚାଷୀମାନେ ନିଜ ଜମିର ଫସଲ ଆଦାୟ କରିବା ସମ୍ଭବପର ହେଉନାହିଁ । ସେମାନଙ୍କ ଅଞ୍ଚଳ ଦେଇ ହୀରାଧାର ବାଟି କେନାଲର ସମ୍ପ୍ରସାରିତ ଶାଖା ଥିଲେ ମଧ୍ୟ ସେମାନଙ୍କ ଅଞ୍ଚଳରେ ଜଳକର ଲାଗୁ ନ ଥିବା କାରଣରୁ ଉକ୍ତ ଶାଖାରୁ ସେମାନଙ୍କୁ ଜଳସେଚନ ବିଭାଗ ପାଣି ଯୋଗାଉ ନ ଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏଣୁ ଏହି ଅଞ୍ଚଳର ଚାଷୀମାନଙ୍କ ଜୀବନ ଜୀବିକା ବଞ୍ଚାଇବା ପାଇଁ ହୀରାଧାର ବାଟି କେନାଲରୁ ଜଳକର ଦେବାରେ ସେମାନଙ୍କୁ ସମ୍ପୃକ୍ତ କରି ଜଳ ଯୋଗାଇ ଦେବା ପାଇଁ ସୁକାନ୍ତ ପ୍ରଧାନ, ଏସ୍. ଗୁରୁନାଥ ରେଡ୍ଡୀ, କେ. ହରି କ୍ରିଷ୍ଣା ରେଡ୍ଡୀ, କେ. ସତ୍ୟବାଦୀ ରେଡ୍ଡୀ ଓ ଜି. ଦାନେୟା ରାଓ, ସରପଞ୍ଚ ସଂଯୁକ୍ତା ପ୍ରଧାନ ଦାବି କରିଛନ୍ତି।

# ପୂର୍ବତନ ଅବକାରୀ ଅଧୀକ୍ଷକଙ୍କ ସମେତ ୮ ନିର୍ଦ୍ଦୋଷ

## ୨୫ ବର୍ଷ ପରେ ଲାଞ୍ଚ ମାମଲାର ରାୟ

ବ୍ରହ୍ମପୁର,୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଦେଶୀ ମଦ ପ୍ରସ୍ତୁତ ପାଇଁ ଅବକାରୀ ବିଭାଗ ଅଧିକାରୀମାନେ ଲାଞ୍ଚ ମାଗିବା ମାମଲାର ୨୫ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଅରୁଣ କୁମାର ସାହୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ନ ଥିବା ଦର୍ଶାଇ ପୂର୍ବତନ ଅବକାରୀ ଅଧୀକ୍ଷକଙ୍କ ସମେତ ୮ କର୍ମଚାରୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମାମଲାର ବିଚାର ସମୟ ମଧ୍ୟରେ ୨ ଅଭିଯୁକ୍ତଙ୍କ ମୃତ୍ୟୁ ହୋଇସାରିଛି । ୧୯୯୮ରେ ଗୋଳନ୍ଥରା ଥାନା ଇନ୍ଦ୍ରାକ୍ଷୀର ମଦ ବ୍ୟବସାୟୀ ଦଣ୍ଡପାଣୀ ସାହୁ ଇନ୍ଦ୍ରାକ୍ଷୀ ଓ ତୁଳୁ ଗ୍ରାମରେ ୨ ଟି ଦେଶୀ ମଦ ଭାଟି ଖୋଲିବାକୁ ଅବକାରୀ ବିଭାଗ ନିକଟରେ ଆବେଦନ କରିଥିଲେ। ଅନୁମତି ପାଇଁ ଛତ୍ରପୁରର ତତ୍କାଳୀନ ଅବକାରୀ ଅଧୀକ୍ଷକ ନିରଞ୍ଜନ ଆଚାର୍ଯ୍ୟ ୩ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ୧ ଲକ୍ଷ ଟଙ୍କା ଅଧୀକ୍ଷକ ନେବାକୁ ଥିବା ବେଳେ ଆଉ ୧ ଲକ୍ଷ ଟଙ୍କା ବିଭାଗର ୩ କର୍ମଚାରୀଙ୍କୁ ଦେବାକୁ ହେବ ବୋଲି ସେ କହିଥିଲେ। ସେହିକ୍ରମରେ ଦଣ୍ଡପାଣି ପ୍ରଥମେ ୧ ଲକ୍ଷ ଟଙ୍କା ନେଇ ଅବକାରୀ ଅଧୀକ୍ଷକଙ୍କୁ ଦେଇଥିଲେ ଏବଂ ବ୍ରହ୍ମପୁର-ଚିକିଟି ଡିଭିଜନର ପୂର୍ବତନ ଇନ୍ସପେକ୍ଟର ରାଜୁ ପାତ୍ରଙ୍କୁ ୨୦ ହଜାର, ପୂର୍ବତନ ଏସଆଇ ରାମଚନ୍ଦ୍ର ସେଠୀଙ୍କୁ ୨୦ ହଜାର ଏବଂ ପୂର୍ବତନ ଏଏସଆଇ ଅସିଦ ଅଲ୍ଲୀଙ୍କୁ ୬୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ପରବର୍ତ୍ତୀ ସମୟରେ ଅବକାରୀ ଅଧୀକ୍ଷକ ଆଉ ୧ ଲକ୍ଷ ଟଙ୍କା ଲାଞ୍ଚ ନେବେ ବୋଲି ସ୍ଥିର ହୋଇଥିଲା। ଏ ନେଇ ଦଣ୍ଡପାଣି ସେତେବେଳେ ଭିଜିଲାନ୍ସ କୋର୍ଟରେ ୱାନ-ସିସି ମାମଲା(ନଂ ୧/୯୮ରେ) ଦାୟର କରିଥିଲେ। ଜଜଙ୍କ ନିର୍ଦ୍ଦେଶପ୍ରକାରେ ବ୍ରହ୍ମପୁର ଭିଜିଲାନ୍ସରେ କେସ ନଂ ୨୧/୯୮ରେ ଏକ ମାମଲା ରୁଜୁ ହେବା ସହ ଭିଜିଲାନ୍ସ ପକ୍ଷରୁ ଘଟଣାର ତଦନ୍ତ କରାଯାଇଥିଲା। ମାମଲାର ବିଚାର ଚାଲିଥିବା ବେଳେ ମୋଟ ୧୪ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଦୀର୍ଘ ଦିନ ଧରି ମାମଲାର ବିଚାରଣା ଚାଲୁ ରହିଥିବା ବେଳେ ଅବକାରୀ ଅଧୀକ୍ଷକ ଆଚାର୍ଯ୍ୟଙ୍କ ସମେତ ଏଏସଆଇ ଅସିଫ ଅଲ୍ଲୀଙ୍କ ମୃତ୍ୟୁ ହୋଇସାରିଥିଲା। ସେହିକ୍ରମରେ ସୋମବାର କୋର୍ଟରେ ୬ ଜଣ ଅଭିଯୁକ୍ତ ହାଜର ହୋଇଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରୁଥିଲେ।

## ହାତୀ ପାଇଁ ବିଦ୍ୟୁତ୍ କାଟ

### ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥ ଅବରୋଧ

ଭଞ୍ଜନଗର,୬।୧୧(ବାବୁଲା ପ୍ରଧାନ)

ହାତୀ ସୁରକ୍ଷା ପାଇଁ ଭଞ୍ଜନଗର ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟ ହେଉଛି। ଏହିଭଳି ରବିବାର ରାତିରେ ନିଧିଆପଲ୍ଲୀ ଅଞ୍ଚଳରେ ବିଦ୍ୟୁତ୍ କାଟ ହୋଇଥିଲା। ଯାହାକୁ ନେଇ ସମ୍ପୃକ୍ତ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଲୋକେ ରାତି ୧୦ ଟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଗ୍ରାମ ଛକରେ ଭଞ୍ଜନଗର ଫୁଲବାଣୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପୋଲିସ, ବନ ବିଭାଗ ଏବଂ ଟାଟା ପାୱାର କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଅବରୋଧ ହଟିଥିଲା। ପ୍ରକାଶ ଯେ, ଭଞ୍ଜନଗର ଥାନା ଅନ୍ତର୍ଗତ ନିଧିଆପଲ୍ଲୀ ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବାରୁ ବିଗତ ଏକ ସପ୍ତାହ ଧରି ରାତି ହେଲେ ବିଦ୍ୟୁତ କାଟ ହେଉଥିବାରୁ ଲୋକଙ୍କ ଅସନ୍ତୋଷ ବଢ଼ିଥିଲା। ରବିବାର ରାତିରେ ଗାଁର ଶତାଧିକ ମହିଳା ଜାତୀୟ ରାଜପଥକୁ ଓହ୍ଲାଇ ରାସ୍ତାରୋକୋ କରିଥିଲେ। ଭଞ୍ଜନଗର ଫୁଲବାଣୀ ସଂଯୋଗ କରୁଥିବା ଜାତୀୟ ରାଜପଥକୁ ଅବରୋଧ କରିବାରୁ ଉଭୟ ପଟୁ ଏକ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

## ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ପ୍ରଦାନରେ ବିଳମ୍ବ ନେଇ ଅସନ୍ତୋଷ

ବାଲିଗୁଡା,୬।୧୧(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ ଶ୍ରୀରାମପୁର ପଞ୍ଚାୟତରେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ପ୍ରଦାନରେ ବିଳମ୍ବ ଯୋଗୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ହିତାଧିକାରୀଙ୍କୁ ମୃତଦେହ ସତ୍କାର ପାଇଁ ସଙ୍ଗେ ସଙ୍ଗେ ମିଳୁନି ସରକାରୀ ସହାୟତା ଅର୍ଥ। ଉକ୍ତ ପଞ୍ଚାୟତର ଦ୍ରୁପଦ ପାଟଗୁରୁ, ଲକ୍ଷ୍ମୀଧର ନାୟକ, ଜାକବ ବାକସିଂ, ବନବାସ କୋଠଦଳେଇ, ପ୍ରକାଶ କୋଠଦଳେଇଙ୍କ ସମେତ ବହୁ ଜନସାଧାରଣଙ୍କ ମୃତ୍ୟୁକୁ ଅଦ୍ୟାବଧି ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱ ଦିନ ବିତିଯାଇଥିଲେ ହେଁ ରାଜ୍ୟ ସରକାରଙ୍କ ତରଫରୁ ମୃତଦେହ ସତ୍କାର ପାଇଁ ମିଳିବାକୁ ଥିବା ପ୍ରୋତ୍ସାହନ ଅର୍ଥ ୩ ହଜାର ଟଙ୍କା ଅଦ୍ୟାବଧି ପାଇ ନ ଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଶ୍ରୀରାମପୁର ସରପଞ୍ଚ ମିନତୀ ବେହେରାମାଝୀ ଓ ପିଇଓ କୃଷ୍ଣ ମଲିକଙ୍କୁ ବାରମ୍ବାର ଭେଟି ପାଇବାକୁ ଥିବା ସରକାରୀ ଅର୍ଥ ମାଗିଥିଲେ ଥିଲେ ମଧ୍ୟ ଶ୍ରୀରାମପୁର ପଞ୍ଚାୟତର ହରିଶ୍ଚନ୍ଦ୍ର ଯୋଜନା ଅର୍ଥ କୁଆଡେ ଦୁର୍ଗାପାଙ୍ଗା ଗ୍ରାମ ପଞ୍ଚାୟତକୁ ଚାଲିଯାଇଛି ସେଠାରୁ ଆସିଲେ ମିଳିବ ବୋଲି କୁହାଯାଉଛି। ହେଲେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଜନସାଧାରଣଙ୍କ ମୃତ୍ୟୁ ଘଟିବାର ତୁରନ୍ତ ମୃତ ପରିବାରରକୁ ମିଳିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ବେଳେ ଶ୍ରୀରାମପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏ ନେଇ ପିଇଓ କୃଷ୍ଣ ମଲିକଙ୍କୁ ପଚାରିବାରୁ ସେ ମଧ୍ୟ କହିଛନ୍ତି ଯେ, ଶ୍ରୀରାମପୁର ପଞ୍ଚାୟତର ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ଦୁର୍ଗାପାଙ୍ଗା ପଞ୍ଚାୟତକୁ ଚାଲିଯାଇଛି, ଆସିଲେ ନିଶ୍ଚୟ ପ୍ରଦାନ କରାଯିବ ବୋଲି କହିଛନ୍ତି। ତେବେ ଶ୍ରୀରାମପୁର ପଞ୍ଚାୟତ କେତେକ ଲୋକ ଏପରି ଠକାମୀର ଶିକାର ହୋଇଛନ୍ତି ତାହା ତଦନ୍ତ କରିବାକୁ ଦାବି ହେଉଛି।




ଅଭିଯୋଗକାରୀ।

## ବିଜେଡିର ପ୍ରଶିକ୍ଷଣ ଶିବିର ପ୍ରସ୍ତୁତି ବୈଠକ

ରାୟଗଡ଼(ଜ୍ୟୋତି ପ୍ରକାଶ ପାଣି)୬।୧୧

ରାୟଗଡ଼ ବ୍ଲକ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ସୋମବାର ବିଜେଡିର ପ୍ରଶିକ୍ଷଣ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ସୀମାଞ୍ଚଳ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଜଗବନ୍ଧୁ ଦାସ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ସାଂସଦ ପ୍ରତିନିଧି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସଭ୍ୟା ଗୌତମୀ ଜାନି ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ମାସ ୮ ତାରିଖ ବୁଧବାର ମୋହନା ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ବ୍ଲକର ବଡ଼ ଗାଁ ଗ୍ରାମରେ ବିଜେଡିର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ପଞ୍ଚାୟତ ପ୍ରତିନିଧି, ଦଳୀୟ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## କଲେଜ ଆଗରେ ଧାରଣା ଦେଲେ ଛାତ୍ରୀ



ଛାତ୍ରୀମାନେ ଧାରଣା ଦେଇଛନ୍ତି।

ଛତ୍ରପୁର,୬।୧୧(ସନ୍ତୋଷ ପାଢୀ/ଦିଲୀପ ସାମଲ)

ଛତ୍ରପୁର ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ସମସ୍ୟା ଲାଗି ରହିଛି । ଏହାର ସମାଧାନ ଦାବି ନେଇ ଡିଗ୍ରୀ ଛାତ୍ରୀମାନେ ସୋମବାର ଧାରଣା ଦେଇଥିଲେ । ଏହି ମହାବିଦ୍ୟାଳୟରେ କ୍ଲାସ ରୁମ ଅଭାବ ରହିଛି। ଏଥିଯୋଗୁ ବହୁ ଛାତ୍ରୀ କ୍ଲାସ ଆସୁନାହାନ୍ତି। ଗ୍ରାମାଞ୍ଚଳରୁ ବହୁ ଛାତ୍ରୀ ଏଠାରେ ପଢିବାକୁ ଆସୁଛନ୍ତି। ଛତ୍ରପୁର ଉପକଣ୍ଠରେ ମହାବିଦ୍ୟାଳୟରେ କୋଠା ନିର୍ମାଣ ଚାଲିଛି ଏହା ସରିନି। ସେହିପରି କମନରୁମ୍ ନାହିଁ । ଫଳରେ ଛାତ୍ରୀମାନେ ଏଣେତେଣେ ବୁଲିବାକୁ ବାଧ୍ୟ ହେଉଛନ୍ତି। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ କ୍ଲାସ ରୁମ୍‌ର ବ୍ୟବହାରକୁ ଆମେ ପ୍ରସ୍ତୁତ ନ ଥିବା ଯୁକ୍ତ ୩ ଛାତ୍ରୀ ଶୁଭଶ୍ରୀ ନାୟକ କହଛନ୍ତି। ଏଣୁ ଯଥାଶୀଘ୍ର ପ୍ରଶାସନ ପକ୍ଷରୁ ଏକ ଅସ୍ଥାୟୀ କ୍ଲାସ ରୁମ୍ ପ୍ରଧାନ କରାଯାଇ ଶିକ୍ଷାଦାନ ଆରମ୍ଭ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ୫-ଟି ଜରିଆରେ ଅନ୍ୟ ଏକ ସ୍ଥାନରେ କଲେଜ କାମ ଜାରି ରହିଛି । କାମ ଧିରେ ଧିରେ ଚାଲୁଥିବାରୁ ଶିକ୍ଷାଦାନ ନିମନ୍ତେ ଅସୁବିଧା ହେଉଥିବା କଲେଜର ପ୍ରିନ୍ସପାଲ କହିଛନ୍ତି । ଏନେଇ ବହୁବାର ଜିଲା ପ୍ରଶାସନକୁ ଅବଗତ କରାଯାଇଥିବା ସେ ଜଣାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ନଭେମ୍ବର, ୨୦୨୩

**ବିଲୁଆ ଆକ୍ରମଣରେ ବୃଦ୍ଧ ଆହତ**

**ମୋହନା,(ମନ୍ମଥ ମିଶ୍ର):** ଗଜପତି ଜିଲା ନୂଆଗଡ ବ୍ଲକ ନିଦ୍ଧିଗୁଡ଼ି ଗାଁରେ ବିଲୁଆ ଆକ୍ରମଣରେ ଜଣେ ୭୧ ବର୍ଷର ବୃଦ୍ଧ ଅରୁଣ ଗମାଙ୍ଗ ସୋମବାର ଆହତ ହୋଇଛନ୍ତି। ସେ ସକାଳେ ପୋଖରୀରୁ ଗାଧୋଇ ଘରକୁ ଫେରୁଥିବା ବେଳେ ହଠାତ ଗୋଟିଏ ପାଗଳ ବିଲୁଆଟି ବୃଦ୍ଧଙ୍କ ଦୁଇ ହାତକୁ କାମୁଡି ଦେଇଥିଲା। ବୃଦ୍ଧଙ୍କ ଚିତ୍କାର ଶୁଣି ଗ୍ରାମବାସୀ ତାଙ୍କୁ ଉଦ୍ଧାର ମୋହନା ମେଡିକାଲରେ ଭର୍ତ୍ତି କରିଥିଲେ।



# 'ଆମ ଓଡ଼ିଶା ନବୀନ ଓଡ଼ିଶା' ଗ୍ରାମ ବିକାଶ କ୍ଷେତ୍ରରେ ପଥ ପ୍ରଦର୍ଶକ

## ସଂକ୍ଷେପରେ

### ସୁବାସ ସାହୁ ଭାଜପା ଗଞ୍ଜାମ ଜିଲା ସଭାପତି

ବ୍ରହ୍ମପୁର,୬।୧୧(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପାର ନୂଆ ସଭାପତି ଭାବେ ରାଜ୍ୟ ସଂଗଠନ ପକ୍ଷରୁ ଡ଼ା. ସୁବାସ ସାହୁଙ୍କ ନାମ ଘୋଷଣା କରାଯାଇଛି। ବିଭୂତି ଭୂଷଣ ଜେନାଙ୍କୁ ପଦରୁ ହଟାଇ ଦିଆଯାଇଛି। ଡ଼ା. ସାହୁ ଜିଲା ସଂଗଠନର ଉପସଭାପତି ଥିଲେ। ପାର୍ଟି ପକ୍ଷରୁ ତାଙ୍କୁ ପଦୋନ୍ନତି ଦିଆଯାଇଛି। ଗଞ୍ଜାମ ସାଙ୍ଗଠନିକ ଜିଲାରେ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଚିକିଟି ଓ ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ୩୫ ମଣ୍ଡଳ ସଂଗଠନ ଅନ୍ତର୍ଭୁକ୍ତ। ବରିଷ୍ଠ ଭାଜପା ନେତା କାହ୍ନୁଚରଣ ପତି ନୂଆ ସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ନିର୍ବାଚନ ପୂର୍ବରୁ ନୂଆ ସଭାପତି ହୋଇଥିବାରୁ ସଂଗଠନ ବଢ଼ିବ ବୋଲି ପତି ଆଶା ରଖିଛନ୍ତି। ଡ଼ା. ସାହୁ ଖୁବଶୀଘ୍ର ତାଙ୍କ ଟିମ ଗଠନ କରିବେ ବୋଲି ଜଣାପଡ଼ିଛି।

### ସି-ସୋର ମୁଖିଆ କୋର୍ଟରେ ହାଜର

**ଚେକ୍ ବାଉନ୍ସ ମାମଲା**

ବ୍ରହ୍ମପୁର,୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏଲଆର ଆଣ୍ଡ ଏଲବିଭି) ସନ୍ଦୀପ କୁମାର ମହାନ୍ତିଙ୍କ କୋର୍ଟରେ ଏକ ଚେକ୍ ବାଉନ୍ସ ମାମଲାର ଅଭିଯୁକ୍ତଙ୍କ ତରଫରୁ ସଫେଇ ସାକ୍ଷୀ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଏହି ମାମଲାରେ ଜଡିତ ଥିବା ସି-ଶୋର ଚିଟ୍‌ଫଣ୍ଡ ସଂସ୍ଥାର ମାଲିକ ପ୍ରଶାନ୍ତ ଦାଶଙ୍କୁ ସୋମବାର କଡା ସୁରକ୍ଷାରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସେ ନିଜ ସଫେଇରେ ଏନେଇ କିଛି ଜାଣିନଥିବା କହିଛନ୍ତି। ଯାହାକି କୋର୍ଟରେ ରେକର୍ଡ କରାଯାଇଛି। ଖୁବ୍‌ଶୀଘ୍ର ଏହି ମାମଲାର ବିଚାର ସରିବ ବୋଲି ଜଣାପଡ଼ିଛି। ସି-ସୋର ଚିଟ୍‌ଫଣ୍ଡ ସଂସ୍ଥା ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ତା'ର ଶାଖା ଖୋଲିଥିବା ବେଳେ ବ୍ରହ୍ମପୁରରେ ମଧ୍ୟ ଏକ ଶାଖା ଖୋଲିଥିଲା। ୨୦୧୧-୧୨ରେ ସଂସ୍ଥା ପକ୍ଷରୁ ଜମାକାରୀଙ୍କୁ କମ ସମୟ ମଧ୍ୟରେ ମୂଳ ଟଙ୍କାର ଦୁଇଗୁଣା ଟଙ୍କାର ଏକ ପ୍ଲଟ ଭୁବନେଶ୍ୱରରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଗୋଷାଣୀନୂଆଗାଁ ଅଞ୍ଚଳର ଶୁଭାସିନୀ ସାହୁ ମଧ୍ୟ ଉକ୍ତ ସଂସ୍ଥାରେ ଟଙ୍କା ଜମା କରିଥିଲେ। ନିର୍ଦ୍ଧାରିତ ସମୟରେ ସେ ଟଙ୍କା କି ପ୍ଲଟ୍ ପାଇ ପାରିନଥିଲେ। ସେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବା ପରେ ୫ଲକ୍ଷ ଟଙ୍କାର ଦୁଇଟି ଚେକ ସଂସ୍ଥା ପକ୍ଷରୁ ତାଙ୍କୁ ପ୍ରଦାନ କରାଯାଇଥିଲା। ସେ ଉକ୍ତ ଚେକ ଦୁଇଟି ବ୍ୟାଙ୍କରେ ଜମା କରିବା ପରେ ତାହା ବାଉନ୍ସ ହୋଇଯାଇଥିଲା। ପରେ ସେ କୋର୍ଟରେ ୨୦୧୨-୧୩ ମସିହାରେ ଉକ୍ତ ସଂସ୍ଥାର ମୁଖିଆ ପ୍ରଶାନ୍ତ ଦାସଙ୍କ ବିରୋଧରେ ଦୁଇଟି ୱାନ ସିସି ୩୧୧/୧୨ ଓ ୨୮/୧୩ରେ ମାମଲା ରୁଜୁ କରିଥିଲେ।

### ଆକ୍ରମଣ ଅଭିଯୋଗ: ବାପା ପୁଅ ଗିରଫ

ବେଲଗୁଣ୍ଠା, ୬।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଟଙ୍କା ଫେରସ୍ତ କରିବାକୁ ଯାଇଥିବା ବେଳେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବାପା ପୁଅଙ୍କୁ କୋର୍ଟଚାଲାଣ କରାଯାଇଛି। ଗାଙ୍ଗପୁର ଥାନା ତଥା ଧରାକୋଟ ବ୍ଲକ ଡି. ସିଙ୍ଗିପୁର ଗ୍ରାମର ନାରାୟଣ ନାଇକ କିଛିଦିନ ତଳେ ସେହି ଗ୍ରାମର ବଳରାମ ଜେନାଙ୍କଠାରୁ ୫୦୦ ଟଙ୍କା ଧାର ନେଇଥିଲେ । ରବିବାର ନାରାୟଣ ଟଙ୍କା ଫେରାଇବା ପାଇଁ ଯାଇଥିବା ବେଳେ ବଳରାମ ତାଙ୍କୁ ୧୨୦୦ ଟଙ୍କା ମାଗିଥିଲେ। ନାରାୟଣ ରାଜି ନ ହେବାରୁ ଯୁକ୍ତିତର୍କ ହୋଇଥିଲା । ପରେ ବଳରାମ ଏବଂ ତାଙ୍କ ପୁଅ ସମୀର ନାରାୟଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆସିକା ମେଡିକାଲରେ ଚିକିତ୍ସା ପରେ ନାରାୟଣ ଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ।

### ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ ହେବ ୧୪ ପ୍ରକଳ୍ପ

**ଫୁଲବାଣୀ, ୬।୧୧ (ରାକେଶ କୁମାର ରାଉତ):** ଫୁଲବାଣୀ କରୋନେଶନ ପଡିଆରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଯୋଗଦେଇ ଜିଲାରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ । ଫୁଲବାଣୀ ନିର୍ବାଚନ ମଣ୍ଡଳୀରେ୧୪ଟି ପ୍ରକଳ୍ପ ପାଇଁ ୩୫.୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏଥିରେ ୩ଟି ବୃହତ୍ ସେତୁ ପାଇଁ ୧୬.୩୦ କୋଟି, ବରାଳ ଦେବୀ ମନ୍ଦିର ପାଇଁ ୩ କୋଟି, ଜଗନ୍ନାଥ ମନ୍ଦିର ପାଇଁ ୨.୨୧ କୋଟି, କସମ୍ ଯୋଜନାରେ ରିଭଲଭିଙ୍ଗ ଫଣ୍ଡ ପାଇଁ ୨ କୋଟି, ୩ଟି ଜଳପ୍ରପାତ ପର୍ଯ୍ୟଟନ ପ୍ରକଳ୍ପ, ୭ଟି ଚେକ ଡ୍ୟାମ ପାଇଁ ୬.୫୭ କୋଟି ଓ ୩ଟି କଲେଜ ପାଇଁ ୪ କୋଟି ମଞ୍ଜୁର ହୋଇଛି । ଜିଲାକୁ ମୋଟ ୮୫.୫୦ କୋଟି ଟଙ୍କା ମିଳିଛି । ୧୨ଟି ବ୍ଲକର ୧୭୧ ପଞ୍ଚାୟତରେ ୨୦୯୯ ଟି ପ୍ରକଳ୍ପ ହେବ ବୋଲି ସୂଚନା ଦିଆଯାଇଛି।

### ଦାରିଙ୍ଗବାଡ଼ି ମନ୍ଦିର, ଚର୍ଚ୍ଚ, ମିଶନଶକ୍ତି ଗୃହ ପାଇଁ ୧୨.୫୦ କୋଟି

**ପର୍ଯ୍ୟଟନର ବିକାଶ ପାଇଁ ୧୭ କୋଟି ୧୦ ଲକ୍ଷ**

**ଦାରିଙ୍ଗବାଡି,(ଅରୁଣ ସାହୁ):** ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକର ୨୫ ପଞ୍ଚାୟତରେ ଚର୍ଚ୍ଚ, ମନ୍ଦିର, ବିଦ୍ୟାଳୟ ମରାମତି, ସଭାଗୃହ ଆଦିର ଉନ୍ନତି ପାଇଁ ୧୨.୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦାରିଙ୍ଗବାଡି ପର୍ଯ୍ୟଟନର ବିକାଶ ପାଇଁ ରାଜ୍ୟ ସରକାର ରଶ୍ମିମାଳ ପାହାଡ଼ର ବିକାଶ ସହ ଡୁଲୁରୀ ପାଇନବଣ, ଲଭର୍ସ ପଏଣ୍ଟ ଆଦିର ଉନ୍ନତି ପାଇଁ ୧୭ କୋଟି ୧୦ ଲକ୍ଷ ଅନୁଦାନ ମଞ୍ଜୁର କରାଯାଉଥିବା ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ୫-ଟି ତଥା ଆମ ଓଡ଼ିଶା ଅଧ୍ୟକ୍ଷ ଭି. କେ ପାଣ୍ଡିଆନ ଘୋଷଣା କରିଥିଲେ। ଦାରିଙ୍ଗବାଡିର ବିକାଶ ପାଇଁ ଆହୁରି ଅନେକ ଯୋଜନା କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଦାରିଙ୍ଗବାଡି ମିନି ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଡ଼ିଓ ଗଦାଧର ପାତ୍ର ପରିଚାଳନା କରିଥିବା ବେଳେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ଉପସ୍ଥିତ ରହି ଭିଡିଓ କନଫରେନ୍ସରେ ନିଜ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବ୍ଲକ ଅଧକ୍ଷ ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ ୫-ଟି ଅଧ୍ୟକ୍ଷ ପୂର୍ବରୁ ଯେଉଁ ୭ ଦିନ ମଧ୍ୟରେ ଖୁସି ଖବର ଶୁଣିବେ ବୋଲି କହିଥିଲେ ତାହାକୁ ସରକାର ପୂରଣ କରିଥିବାରୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ପ୍ଲିହେରି ସରପଞ୍ଚ ପାଉଲ ପ୍ରଧାନ, ତହସିଲଦାର ଶରତ ଶବର, ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ସିଡିପିଓ ଅଞ୍ଜଳି ମହାପାତ୍ର,ଏମ୍‌ପି ପ୍ରତିନିଧି ଅକ୍ଷୟ ନାୟକ, ବିଧାୟକ ପ୍ରତିନିଧି ଦୀପକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ୨୫ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### କ.ନୂଆଗାଁ ବ୍ଲକକୁ ୭ କୋଟି ମଞ୍ଜୁର

**କ.ନୂଆଗାଁ(କାଳି ପ୍ରସାଦ ତ୍ରିପାଠୀ):** କ. ନୂଆଗାଁ ବ୍ଲକର ହାଇସ୍କୁଲ୍ ଖେଳ ପଡିଆରେ ଆୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଉଦଘାଟନୀରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଆରେ ଯୋଗଦେଇ ବ୍ଲକର ୧୪ଟି ପଞ୍ଚାୟତ ପାଇଁ ୭କୋଟି ଟଙ୍କା ମଞ୍ଜୁର କରିଛନ୍ତି। କାର୍ଯ୍ୟକ୍ରମରେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗଦେଇ ନବୀନ ପଟ୍ଟନାୟକଙ୍କ ବିକାଶର ଧାରା ଉପରେ କହିଥିଲେ। ବିଡ଼ିଓ ମନ୍ମଥ ନାଥ ମଲ୍ଲିକ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଜିଲା ପରିଷଦ ସଭ୍ୟା ଅନିତା ମଲ୍ଲିକ, ଏମ୍‌ପି ପ୍ରତିନିଧି ସହଦେବ ପାତ୍ର, ସହକାରୀ ଯନ୍ତ୍ରୀ ଶୁଭଙ୍କର ମହାପାତ୍ର, କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠି, ପ୍ରିୟଙ୍କା ପାତ୍ର, ଇତିଶ୍ରୀ ବାରିକ, ସରୋଜ ପ୍ରଧାନ, ସିପି ରାକେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାରିଙ୍ଗବାଡ଼ି

### ରାଇକିଆ ବ୍ଲକ: ୧୫୧ ପ୍ରକଳ୍ପ ପାଇଁ ୬ କୋଟି ମଞ୍ଜୁର

**ରାଇକିଆ,(ପ୍ରଦୀପ ବେହେରା):** ରାଇକିଆ କଲେଜ ଷ୍ଟାଡିୟମ ପରିସରରେ ବ୍ଲକର ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ଯୋଗଦେଇ ବ୍ଲକର ୧୨ଟି ପଞ୍ଚାୟତରେ ୧୫୧ଟି ପ୍ରକଳ୍ପ (ପ୍ରତ୍ୟେକ ପଞ୍ଚାୟତ ପାଇଁ ୫୦ ଲକ୍ଷ) ନିମନ୍ତେ ୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଥିଲେ। ବିଧାୟକ ସାଲୁଗା ପ୍ରଧାନ ଉପସ୍ଥିତ ରହି ଭିଡିଓ କନଫରେନ୍ସ ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନା କରିବା ସହ ଅନୁଦାନ ମଞ୍ଜୁର କରିଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। ବିଡ଼ିଓ ସୀମାଞ୍ଚଳ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ରଣଜିତ, ବ୍ଲକ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ୧୮ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ମମତା ରାଣୀ ନାୟକ, ତହସିଲଦାର ସୁଭଦ୍ରା ମୁଣ୍ଡିକା, ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ଏବିଇଓ ସୀମାଦ୍ରି କହଁରଙ୍କ ସମେତ ଜନପ୍ରତିନିଧି, ଏସଏସ୍‌ଜି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

### ୧୫ ପଞ୍ଚାୟତରେ ହେବ ଉନ୍ନୟନ କାର୍ଯ୍ୟ

**କୋଟଗଡ଼,(ସରୋଜ ବଲିୟାରସିଂ):** କୋଟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭକାନ୍ତ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆଠାରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଘାଟନୀ ସମାରୋହ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନରେ ଯୋଗଦେଇ ବ୍ଲକ ଅନ୍ତର୍ଗତ ୧୫ଟି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବା ସହିତ ଅଞ୍ଚଳର ଲୋକ ପ୍ରତିନିଧିଙ୍କ ସହ ବାର୍ତ୍ତାଳାପ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ନନ୍ଦିନୀ ମଲିକ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ଧନ୍ୟବାଦ ଜଣାଇଲେ ବ୍ଲକ ଅଧକ୍ଷା

**ଖଜୁରିପଡ଼ା,(ବିଦୁର ବେହେରା):** ଖଜୁରିପଡ଼ା ବ୍ଲକର ହାଇସ୍କୁଲ ପଡ଼ିଆରେ ଆୟୋଜିତ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ବିଡ଼ିଓ ଜର୍ଜ ଡୁଙ୍ଗୁ ଡୁଙ୍ଗୁ ପରିଚାଳନା କରିଥିବା ବେଳେ ବ୍ଲକ ଅଧକ୍ଷା ଅନିମା କହଁର ଉପସ୍ଥିତ ରହି ଭିଡିଓ କନଫରେନ୍ସ ମାଧ୍ୟମରେ ନିଜ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଭିସିରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବ୍ଲକର ୧୪ଟି ପଞ୍ଚାୟତର ବିକାଶ ପାଇଁ ମୋଟ ୭ କୋଟି ଟଙ୍କା ମଞ୍ଜୁର ହୋଇଥିବା ୫-ଟି ଅଧକ୍ଷ ଘୋଷଣା କରିଥିବାରୁ ବ୍ଲକ ଅଧକ୍ଷା ଧନ୍ୟବାଦ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଗ୍ରାମ ବିକାଶ କ୍ଷେତ୍ରରେ ସାରା ଭାରତ ବର୍ଷ ପାଇଁ ପଥ ପ୍ରଦର୍ଶକ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ମମତା ମଲ୍ଲିକ, ଉର୍ବଶୀ ଦିଗାଲ ଏବଂ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଥାନା ଅଧିକାରୀ ଗେଲ୍ଲୀ କୁମାରୀ ସାହୁ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ସବୁ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ ଯୋଗ ଦେଇଥିଲେ।

### କଳିଙ୍ଗାରେ ଯୋଜନାର ହେଲା ଶୁଭାରମ୍ଭ

**ଜି.ଉଦୟଗିରି(ଶିଶିର ପଟ୍ଟନାୟକ):** ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ପଞ୍ଚାୟତର ସରକାରୀ ନୋଡାଲ ୟୁ.ପି ସ୍କୁଲ ଖେଳ ପଡ଼ିଆ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜି. ଉଦୟଗିରି ବ୍ଲକର ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ହିସାବରେ ୮ଟି ପଞ୍ଚାୟତକୁ ୪ କୋଟିର ଅନୁଦାନ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ମଞ୍ଜୁର କରିଥିଲେ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ କଳିଙ୍ଗା ସରପଞ୍ଚ ବକ୍ସି ମଲ୍ଲିକ ଧନ୍ୟବାଦ ସହ ସାଧୁବାଦ ଜଣେଇଥିଲେ। ସ୍ଥାନୀୟ ବିଡ଼ିଓ ମନୋଜ କୁମାର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ଶିଶୁ ସୁରକ୍ଷା ଏବଂ ଅଧିକାର କମିସନର ସଦସ୍ୟା ଜାଲିନା ପ୍ରିୟଦର୍ଶିନୀ, ବ୍ଲକ ଅଧକ୍ଷା ସୁସମା ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ବାଘ, ନଗର ସଭାପତି ଗୋପାଳ ମହାପାତ୍ର, ବ୍ଲକ ସଭାପତି ଲିଂଗରାଜ କହଁର, କାର୍ଯ୍ୟକାରୀ ସଭାପତି ଉଦୟନାଥ ନାୟକ, ବ୍ଲକ ଉପାଧକ୍ଷ ଏନ ଲୁକଙ୍କ ସହିତ ବିଭିନ୍ନ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟମାନେ ଯୋଗ ଦେଇଥିଲେ।

### ୫କୋଟି ୫୦ଲକ୍ଷ ସହିତ ଅନ୍ୟାନ୍ୟ ପ୍ରକଳ୍ପ ମଞ୍ଜୁର

**ତୁମୁଡିବନ୍ଧ(ଦୀପକ କୁମାର ପରାସେଠ):** ତୁମୁଡିବନ୍ଧ ବ୍ଲକ ତରଫରୁ ତୁମୁଡିବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ବାସନ୍ତି ମାଝି, ଉପାଧକ୍ଷ ସନ୍ତୋଷ କୁମାର ସାହୁ, ଜିଲା ପରିଷଦ ନବୀନ ପାତ୍ର, ପୂର୍ବତନ ବିଧାୟକ ରାଜୀବ ପାତ୍ର, ଏମ୍‌ପି ପ୍ରତିନିଧି ତଥା ବିଜେଡି ବ୍ଲକ ସଭାପତି ପ୍ରମୋଦ କୁମାର ସାହୁ, ବିଧାୟକ ପ୍ରତିନିଧି କୁନା ଦଣ୍ଡସେନା, ସରପଞ୍ଚ ଓ ସମିତି ସଭ୍ୟା/ସଭ୍ୟ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବ୍ଲକର ୧୧ଟି ପଞ୍ଚାୟତ ବିକାଶ ପାଇଁ ୫କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରିଥିବା ବେଳେ ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟ ପାଇଁ ୧କୋଟି ୨୫ଲକ୍ଷଟଙ୍କା ମଞ୍ଜୁର କରିଛନ୍ତି। ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତସିଲା ପଞ୍ଚାୟତର ପୀଡ଼ାମାହା ଠାରୁ କୋଟଗଡ଼ ବ୍ଲକର ଡୁଡିମିଲା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ ଓ ରାଉଳ ନଦୀ ଉପରେ ଏକ ସେତୁ ନିର୍ମାଣ କାର୍ଯ୍ୟ ପାଇଁ ପ୍ରାୟ ୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଐତିହାସିକ ପଦକ୍ଷେପ ପାଇଁ ବ୍ଲକ ଅଧକ୍ଷା, ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ତୁମୁଡିବନ୍ଧ ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ସମସ୍ତ କର୍ମଚାରୀ, ଲୋକ ପ୍ରତିନିଧି କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳନା କରିଥିଲେ।

### ଫିରିଙ୍ଗିଆ ବ୍ଲକକୁ ୧୨ କୋଟି

**ଫିରିଙ୍ଗିଆ(ବିକ୍ରମ ଦିଗାଲ):** ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟଠାରେ ଥିବା ମିନି ଷ୍ଟାଡିୟମ ଠାରେ ବ୍ଲକ ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବ୍ଲକ ଅଧକ୍ଷା ନମିତା କହଁର, ଏମ୍‌ପି ପ୍ରତିନିଧି ବିଷ୍ଣୁଚରଣ ମଲ୍ଲିକ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ କହଁର ଓ ନୀଳଗିରି ଦିଗାଲ, ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା,ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ବ୍ଲକର ସମୁଦାୟ ୨୪ଟି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ହିସାବରେ ୧୨ କୋଟି ଟଙ୍କା ମଞ୍ଜୁର ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

### ଗୋସାଣି ବ୍ଲକରେ ୨୪୮ ପ୍ରକଳ୍ପ

**ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା)**-ଗଜପତି ଜିଲାରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମାଧ୍ୟମରେ ଜିଲାର ୨ଟି ନିର୍ବାଚନ ମଣ୍ଡଳୀରେ ୧୬୬୨ଟି ପ୍ରକଳ୍ପ ପାଇଁ ୭୪.୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗୋସାଣି ବ୍ଲକର ୨୧ ପଞ୍ଚାୟତରେ ୨୪୮ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୧୦ କୋଟି ପ୍ରକଳ୍ପକୁ ୧୦ କୋଟି୫୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର କରିଥିବାରୁ ବ୍ଲକବାସୀଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଏପିଡ଼ି ନୀଳମାଧବ ମାଝି, ଡ଼େପୁଟି କଲେକ୍ଟର କମଳା କାନ୍ତ ପଣ୍ଡା, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡ଼ିଓ ସୁଧୀର କୁମାର ସିଂ, ତହସିଲଦାର ରାଜ କିଶୋର ପଟନାୟକ, ସିଡ଼ିପିଓ ତେରେସ୍କୋଭା ମଲ୍ଲିକ, ବରିଷ୍ଠ ବିଜେଡ଼ି ନେତା ତଥା ସାଂସଦ ପ୍ରତିନିଧି ଅନ୍ତର୍ଯ୍ୟାମୀ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସଭ୍ୟା ଗୌତମୀ ଜାନି ପ୍ରମୁଖଙ୍କ ସହ ସମସ୍ତ ପଞ୍ଚାୟତ ପ୍ରତିନିଧି, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ। ଥାନା ଅଧିକାରୀ ସୁନୀଲ କୁମାର ବେହେରା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

୫୦ଲକ୍ଷ ମଞ୍ଜୁର କରିଛନ୍ତି। ଏଥିପାଇଁ ବ୍ଲକ ଅଧକ୍ଷ ଏସ ବିର ରାଜୁ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### କାଶୀନଗରର ୧୨ ପଞ୍ଚାୟତ ସକାଶେ ୬ କୋଟି

**କାଶୀନଗର(ଟି. କ୍ରିଷ୍ଣା ରାଓ)-** କାଶୀନଗର ବାରାଣସୀ ସରକାରୀ ହାଇସ୍କୁଲ ପଡିଆରେ ମୋ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟମନ୍ତ୍ରୀ କାଶୀନଗର ବ୍ଲକର ୧୨ଟି ପଞ୍ଚାୟତ ସକାଶେ ୬ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରୁ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କାରେ ବିକାଶମୂଳକ କାର୍ଯ୍ୟ କରାଯିବ। କାର୍ଯ୍ୟକ୍ରମରେ ଉପ ଜିଲାପାଳ ଆଲୋକ କୁମାର ପ୍ରଧାନ, ବିଡ଼ିଓ ଅନୁପ କୁମାର ପଣ୍ଡା, ତହସିଲଦାର ଅଶୋକ କୁମାର ପ୍ରଧାନ, ଆଇ ଆଇ ସି ଗୋବିନ୍ଦ ଗୌଡ଼, ପଞ୍ଚାୟତ ସମିତି ଅଧକ୍ଷା ବି. ସାୟାମ୍ମା , ଉପାଧକ୍ଷା ଏସ . କଲ୍ୟାଣୀ, ଜିଲା ପରିଷଦ ସଦସ୍ୟା ଆର . ରାଜ୍ୟଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାୟଗଡ଼ ବ୍ଲକର ବିକାଶ ପାଇଁ ୧୦ କୋଟି ୫୦ ଲକ୍ଷ

**ରାୟଗଡ଼(ଜ୍ୟୋତି ପ୍ରକାଶ ପାଣି):** ରାୟଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷ ଭି. କେ ପାଣ୍ଡିଆନ ୨୧ ପଞ୍ଚାୟତର ୧୮୭ଟି




ମୋହନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଓ ଅନ୍ୟମାନେ।

### ମୋହନା ବ୍ଲକ ପାଇଁ ୧୯ କୋଟି ୫୦ ଲକ୍ଷ

**ମୋହନା(ମନ୍ମଥ ମିଶ୍ର):** ମୋହନା ବ୍ଲକ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ୧୯ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୋହନା ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଆଭାସୀରେ ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୦ ଲକ୍ଷ ଟଙ୍କା ଅନୁଦାନ, ସ୍ୱଳ୍ପ ସମୟ ମଧ୍ୟରେ ବହୁ ସମସ୍ୟାର ସମାଧାନ ଓ ଅପହଞ୍ଚ ଇଲାକାରେ ଆଜି ପହଞ୍ଚିଛି ଅଭୂତପୂର୍ବ ବିକାଶ ବୋଲି ଜନସାଧାରଣଙ୍କୁ କହିଥିଲେ। ବ୍ଲକର ୧୦ଟି ଏସଏଚଜି ଗ୍ରୁପକୁ ୨୪ ଲକ୍ଷ ଟଙ୍କା ଚେକ ମାଧ୍ୟମରେ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୋହନା ବିଡ଼ିଓ, ତହସିଲଦାର, ପିଡି ଆଇଟିଡିଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ଏବଂ ୬ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ଜିଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୁମ୍ମା ବ୍ଲକର ୨୦ ପଞ୍ଚାୟତକୁ ଅନୁଦାନ

**ଗୁମ୍ମା(ପ୍ରବୀଣ କୁମାର ଲିମା):** ଗୁମ୍ମା ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷ ଭିଡ଼ିଓ କନଫରେନ୍ସ ଜରିଆରେ ଯୋଗଦେଇ ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୧୦ କୋଟି ଘୋଷଣା କରିଥିଲେ। ଗୁମ୍ମା ବ୍ଲକରେ ଦୁଇଟି ଡ଼ିଗ୍ରୀ କଲେଜ ଏବଂ ୩ଟି ସ୍କୁଲ ପାଇଁ ଟଙ୍କା ପ୍ରଦାନ କରିଥିଲେ। ଜିଲା ପରିଷଦ ଅଧକ୍ଷ ଗାବାରା ତିରୁପତି ରାଓ, ବ୍ଲକ ଅଧକ୍ଷା ସୁନେମି ମଣ୍ଡଳ, ବିଡ଼ିଓ ଶରତ କୁମାର ପାତ୍ର ଉପସ୍ଥିତ ଥିଲେ।

### ଆର.ଉଦୟଗିରି ବ୍ଲକକୁ ୮.୫୦ କୋଟି

**ଆର.ଉଦୟଗିରି(ମନୋଜ କୁମାର ପାଢୀ):** ଆର.ଉଦୟଗିରି ଶିବ ମନ୍ଦିର ପରିସରରେ ବ୍ଲକ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଟି ପଞ୍ଚାୟତରେ ୨୦୬ ପ୍ରକଳ୍ପ ପାଇଁ ୮କୋଟି ୫୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଭର୍ଚୁଆଲ ମାଧ୍ୟମରେ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଏଡିଏମ୍ ବିରେନ୍ଦ୍ର ଦାସ, ବିଡିଓ ଲରିମନ ଖର୍ସେଲ, ତହସିଲଦାର ଜ୍ୟୋତିମୟୀ ଦାସ, ବ୍ଲକ ସଭାପତି ଭୀମ ପାଇକ, ଜିପିଇଓ ଶସାଙ୍କ ସେଖର ସୁବୁଦ୍ଧି, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଶିଦ୍ଧାର୍ଥ ଶଙ୍କର ତ୍ରିପାଠୀ, ଉପାଧକ୍ଷା ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ସିଡିପିଓ ଲଳିତା ପୂଜାରୀ ଉପସ୍ଥିତ ଥିଲେ।

## ପୁରୁଷ ଭଲିବଲ ଦଳର ଭୁବନେଶ୍ୱର ଗସ୍ତ



ବ୍ରହ୍ମପୁର,୬।୧୧(ତନୁଶ୍ରୀ ନାହାକ)

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ଆସନ୍ତା ୮ରୁ ୧୧ ପର୍ଯ୍ୟନ୍ତ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିଭଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ଭଲିବଲ ପୁରୁଷ ଦଳ ସୋମବାର ଭୁବନେଶ୍ୱର ଯାତ୍ରା କରିଛି। ଉକ୍ତ ଟିମ୍‌ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଏହା ସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ୧୩ ପ୍ରତିଯୋଗୀ ଅଛନ୍ତି। କ୍ରୀଡ଼ା ପରିଷଦ ପକ୍ଷରୁ ସମ୍ପାଦକ ପ୍ରଫେସର ଗଣେଶ ସେଠୀ, କୁଳପତି ପ୍ରଫେସର ଗୀତାଞ୍ଜଳି ଦାସଙ୍କ ସମେତ ବହୁ କ୍ରୀଡ଼ା ଅଧିକାରୀ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ଗଞ୍ଜାମ ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା

ବ୍ରହ୍ମପୁର,୬।୧୧(ତନୁଶ୍ରୀ ନାହାକ)

ଗୋଷାଣୀନୁଆଗାଁ କେସି ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ଅବସରପ୍ରାପ୍ତ ବିଇଓ ହରେକୃଷ୍ଣ ପଣ୍ଡା, କିରଣ କୁମାର ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ଦାଶ ବିଚାରକ ଥିଲେ। ପ୍ରତିଯୋଗିତାରେ ୮୯ ସ୍କୁଲର ୧୩୨ ଛାତ୍ରୀଛାତ୍ର ସାମିଲ ଥିଲେ। ମ୍ୟୁନିସପାଲିଟି ହାଇସ୍କୁଲ ଛାତ୍ର ଏସ୍.ସାଇ କ୍ରିଷ୍ଣା ଆଚାରୀ ପ୍ରଥମ, ଖଣ୍ଡଦେଉଳି ଉଚ୍ଚ ବିଦ୍ୟାଳୟ




ଅଧିକାରୀଙ୍କ ଗହଣରେ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର।

ବାୟା ବାବୁ ସାହୁ ଦ୍ୱିତୀୟ ଓ ହିଞ୍ଜିଳିକାଟୁ ବୃନ୍ଦାବନ ହାଇସ୍କୁଲର ରଶ୍ମିନ ସାବତ ତୃତୀୟ ହୋଇଥିଲେ। କନିଷ୍ଠ ବର୍ଗରେ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟ ପ୍ରଜ୍ଞାନ ପ୍ରଭଞ୍ଜନ ପୁଷ୍ଟି ପ୍ରଥମ, ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଡ଼ି.ତ୍ରିଶା ପଟ୍ଟନାୟକଦ୍ୱିତୀୟ ଓବେରୁଣିଆପଡ଼ାଓଏଭିର ଅନ୍ୱେଷା ରାଣୀ ସ୍ୱାଇଁ ତୃତୀୟ ହୋଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଉଟସୋର୍ସିଂ ପୌର କର୍ମଚାରୀ ସଂଘର ଦାବିପତ୍ର

ଛତ୍ରପୁର,୬।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗୋପାଳପୁର ଏନ୍‌ଏସିରେ ଆଉଟସୋର୍ସିଙ୍ଗ ଭାବେ କାର୍ଯ୍ୟରତ ସଫେଇ କର୍ମଚାରୀମାନେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପୂର୍ବ ଏଜେନ୍ସି ପାଖରେ ବକେୟା ଥିବା ଦରମା ଓ ଅନ୍ୟାନ୍ୟ ୫ ଦଫା ଦାବି ଜଣାଇଛନ୍ତି । ଜିଲାପାଳଙ୍କ ତତ୍ତ୍ୱାବଧାନରେ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ନୀଳମାଧବ ଭୋଇ ଅଭିଯୋଗର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ, ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଜିଲାର ସମସ୍ତ ଏନଏସିରେ ଆଉଟସୋର୍ସିଂରେ ଶତାଧିକ ସଫେଇ ଓ ଅନ୍ୟାନ୍ୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସ୍ୱଳ୍ପ ଦରମାରେ ନିୟୋଜିତ ଅଛନ୍ତି। ଗୋପାଳପୁର ଏନଏସିର ପଚାଶରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ଦରମା ବାବଦରେ ପୂର୍ବ ଏଜେନ୍ସି ଅଭିରାମ କେୟାରଟେକିଙ୍ଗ ସର୍ଭିସେସ, ଭୁବନେଶ୍ୱର ପାଖରେ ଲକ୍ଷାଧିକ ଟଙ୍କା ବକେୟା ରହିଛି। ସେହିପରି ଗରିମା ଯୋଜନାରେ କୋର ସାନିଟାଇଜର ୱାରକେରମାନଙ୍କୁ କୁଶଳୀ ଓ ଉଚ୍ଚକୁଶଳୀ ହାର ରେ ଦରମା ବୃଦ୍ଧି ସହ ସାପ୍ତାହିକ ଛୁଟି,ଇପିଏଫ ଆଦି ଦାବି ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଓଡିଶା ଆଉଟସୋର୍ସିଙ୍ଗ ପୌର କର୍ମଚାରୀ ସଂଘର ଜିଲା ସଭାପତି ପ୍ରଶାନ୍ତ ପରିଚ୍ଛା, ସମ୍ପାଦକ ଉତ୍ତମ ନାୟକ, ରାଜ୍ୟ ଆବାହକ ପ୍ରତାପ ପ୍ରଧାନ ମହାସଂଘର ଜିଲା ସଭାପତି ବିଜୟ ମଲ୍ଲିକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

